# ମାଛ ଉତ୍ପାଦନରେ ବାଲେଶ୍ୱର ରାଜ୍ୟରେ ପ୍ରଥମ: ମନ୍ତ୍ରୀ

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା ଉଦ୍‌ଘାଟିତ

**ବାଲେଶ୍ୱର,୨୫।୧(ବାଞ୍ଛାନିଧି ଦେ)**



ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମେଳାକୁ ଉଦ୍‌ଘାଟନ କରୁଛନ୍ତି।

ମାଛ ଉତ୍ପାଦନରେ ବାଲେଶ୍ୱର ରାଜ୍ୟରେ ପ୍ରଥମ ବୋଲି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ଏବଂ ଅଣୁ, କ୍ଷୁଦ୍ର, ମଧ୍ୟମ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି। ରବିବାର ବାଲେଶ୍ୱର ପୁରୁଣା ଷ୍ଟାଡିୟମ୍ ପଡ଼ିଆରେ ଆୟୋଜିତ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳାକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଉଦ୍‌ଘାଟନ କରିବା ଅବସରରେ ଏହା କହିଥିଲେ। ଆୟ ବୃଦ୍ଧି ପାଇଁ ସରକାରଙ୍କର ସମସ୍ତ ଯୋଜନାର ଲାଭ ଉଠାଇବାକୁ ସେ ଚାଷୀମାନଙ୍କୁ ଆହ୍ୱାନ ଦେଇଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ଅଭିବୃଦ୍ଧି ହେଲେ ରାଜ୍ୟରେ ଚାଷୀ ସମୃଦ୍ଧ ହେବେ। ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ବିକାଶ ନିମନ୍ତେ ଜିଲାକୁ ୨ଶହ କୋଟି ଟଙ୍କାର ପ୍ରକଳ୍ପ ଅନୁମୋଦନ ହୋଇଛି। ମୁଖ୍ୟମନ୍ତ୍ରୀ କାମଧେନୁ ଓ କୃଷି ଉଦ୍ୟୋଗ ସମେତ ବିଭିନ୍ନ ଯୋଜନାରେ ୫୦ରୁ ୬୦ ପ୍ରତିଶତ ସବ୍‌ସିଡି ରହିଛି। ଏହା ମାଧ୍ୟମରେ ଶିକ୍ଷିତ ବେକାର ଯୁବତୀ ଯୁବକ ଆତ୍ମନିର୍ଭର ହୋଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି।

ମୁଖ୍ୟବକ୍ତା ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ସରକାରୀ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ବସ୍ତା ବିଧାୟିକା ସୁବାସିନୀ ଜେନା ଓ ଜିଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ବାଲେଶ୍ୱରରେ ଏକ ମତ୍ସ୍ୟ ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ବିଧାୟକ ଦତ୍ତ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅତିରିକ୍ତ ଜିଲାପାଳ(ସାଧାରଣ) ସୁଧାକର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ଓଏସ୍‌ଡି ପ୍ରତାପ ପ୍ରଧାନ ମଞ୍ଚାସୀନ ଥିଲେ। ସିଡିଭିଓ ଡା. ରବିନାରାୟଣ ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଜିଲା ମତ୍ସ୍ୟ ଅଧିକାରୀ ରେଶ୍ମା ରାଣୀ ସିଂ ଧନ୍ୟବାଦ ଦେଇଥିଲେ। ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଗୋପୂଜନ, ଚାଷୀ–ବୈଜ୍ଞାନିକ ଆଲୋଚନାଚକ୍ର ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା।

# ଅକ୍ସଫୋର୍ଡ ରିଜିଓନାଲ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୋତ୍ସବ



ଛାତ୍ରୀଛାତ୍ରଙ୍କ ନୃତ୍ୟକଳା ପ୍ରଦର୍ଶନ।

**ବାଲିଆପାଳ,୨୫।୧(ଗୋପାଳ ଚନ୍ଦ୍ର ସାହୁ)**

ବାଲେଶ୍ୱର ଜିଲା ବାଲିଆପାଳ ଅକ୍ସଫୋର୍ଡ ରିଜିଓନାଲ ଇଂଲିଶ ମିଡିୟମ ସ୍କୁଲର ୧୨ତମ ବାର୍ଷିକୋତ୍ସବ ରବିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ସଭିଙ୍କ ମନ ମୋହିଥିଲା। ସ୍କୁଲ ଅଧ୍ୟକ୍ଷ ରବୀନ୍ଦ୍ର ନାଥ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଯୋଗଦେଇ ବିଦ୍ୟାଳୟରେ ଖେଳ ମାଧ୍ୟମରେ ଶିକ୍ଷାଦାନ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି କରୁଛି ବୋଲି କହିଥିଲେ। ମୁଖ୍ୟବକ୍ତା ପୂର୍ବତନ ସିଆର୍‌ସିସି ଅଶୋକ କୁମାର ଗିରି, ସମ୍ମାନିତ ଅତିଥି ଭାବେ ସିମୁଳିଆ କ୍ଲଷ୍ଟରର ସିଆର୍‌ସିସି ଯଶୋବନ୍ତ ଜେନା, ବାଲିଆପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣେଷ କିଙ୍କର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସ୍କୁଲ ପରିଚାଳନା କମିଟି ସଦସ୍ୟ ପ୍ରଶାନ୍ତ କୁମାର ରାଉତ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଏକାଡେମିକ ଡାଇରେକ୍ଟର ବ୍ରହ୍ମପ୍ରକାଶ ନାଥ ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ରାଜେଶ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସମ୍ପାଦକ ସାଗର କୁମାର ପଟ୍ଟନାୟକ, ବିଦ୍ୟାଳୟ କମିଟି ସଦସ୍ୟ ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ସହ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଚଉମୁଖରେ ସ୍ୱଚ୍ଛତା କାର୍ଯ୍ୟକ୍ରମ

**କାଳିପଦା,୨୫।୧(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ଚଉମୁଖଠାରେ ଦି ମ୍ୟାନ୍‌କାଇଣ୍ଡ କ୍ଲବ୍ ପକ୍ଷରୁ ରବିବାର ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚଉମୁଖଠାରୁ ଆରମ୍ଭ ହୋଇ ବ୍ରଜେଶ୍ୱର ମନ୍ଦିର ପର୍ଯ୍ୟନ୍ତ ସଫେଇ କରାଯାଇଛି। ୨୦୨୫ରୁ ଆରମ୍ଭ ହୋଇଥିବା ଏହି କ୍ଲବ୍‌ରେ ୭୦ଜଣ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଚଉମୁଖ ପଞ୍ଚାୟତରେ ଥିବା ପ୍ରତ୍ୟେକ ହାଟ, ବଜାର, ରାସ୍ତା, ପୋଖରୀ ତୁଠରେ ଥିବା ଆବର୍ଜନା ସଫା କରିବ, ସମସ୍ତଙ୍କୁ ଭାଇଚାରାର ସୂତ୍ରରେ ବାନ୍ଧି ରଖିବା, ଯୁବ ଗୋଷ୍ଠୀଙ୍କୁ ନିଶାମୁକ୍ତ କରିବା, ମାନବ ସେବା କରିବା ପାଇଁ ଯୁବକମାନଙ୍କୁ ପରାମର୍ଶ ଦେବା ସହ ପଞ୍ଚାୟତବାସୀଙ୍କ ଅସୁବିଧାର ସମାଧାନ କରିବା କ୍ଲବ୍‌ର ଲକ୍ଷ୍ୟ ବୋଲି ସଭାପତି ଗୋବିନ୍ଦ ଦାସ, ଉପସଭାପତି କୃଷ୍ଣାକାନ୍ତ ପାତ୍ର ଓ ସମ୍ପାଦକ ସତ୍ୟରଞ୍ଜନ ପାତ୍ର କହିଛନ୍ତି। ସହସମ୍ପାଦକ ବଳରାମ ମାଝୀ, ସଦସ୍ୟ ଦିପକ ଜେନା, ସଞ୍ଜୟ ସେଠୀ, ରବୀନ୍ଦ୍ର ପ୍ରଧାନ, ଜୟକୃଷ୍ଣ ପ୍ରଧାନ, ନାରାୟଣ ବେହେରା, ଜଗନ୍ନାଥ ଭଞ୍ଜ, ରାମଚନ୍ଦ୍ର ଜେନା, ଦିପକ ରଣଜିତ, ବବୁଲୁ ପାତ୍ର, ବିଷ୍ଣୁପଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କୁପାରୀ, ରାଇକୁଳାରେ ହିନ୍ଦୁ ସମ୍ମିଳନୀ

**ଖଇରା,୨୫।୧(ଉତ୍କଳବନ୍ଧୁ ପଣ୍ଡା)**

## ଜୟଶ୍ରୀରାମ ଓ ଭାରତ ମାତା କୀ ଜୟ ଧ୍ୱନିରେ କମ୍ପିଲା ମଞ୍ଚ



ଦୁର୍ଗାବାହିନୀ ପ୍ରମୁଖ ମଧୁସ୍ମିତା ମହାପାତ୍ର ମହିଳାମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ପଞ୍ଚାୟତର ଶୁନ୍ୟମଣ୍ଡପ ପଡ଼ିଆ ଓ କୁରୁଣ୍ଡା ପଞ୍ଚାୟତର ରାଇକୁଳା ତାରିଣୀ ପଡ଼ିଆରେ ରବିବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବିଶ୍ୱ ହିନ୍ଦୁ ପରିଷଦ ଓ ଦୁର୍ଗାବାହିନୀ ସଦସ୍ୟାଙ୍କ ଭାରତ ମାତା କି ଜୟ ଓ ଜୟଶ୍ରୀରାମ ଧ୍ୱନୀରେ ମଞ୍ଚ ସ୍ଥଳ ପ୍ରକମ୍ପିତ ହୋଇଥିଲା। ଆର୍‌ଏସ୍‌ଏସ୍ ଖଇରା ଖଣ୍ଡର ବୌଦ୍ଧିକ ପ୍ରମୁଖ ବ୍ରଜ ସୁନ୍ଦର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶୁନ୍ୟମଣ୍ଡପ ପଡ଼ିଆରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ପରିବ୍ରାଜକ ଚିନ୍ମୟାନନ୍ଦ ମହାରାଜ, ହିନ୍ଦୁ ଜାଗରଣ ମଞ୍ଚର ପୂର୍ବପ୍ରାନ୍ତ ପ୍ରମୁଖ ବିଭୁଚନ୍ଦନ ଜେନା ପ୍ରମୁଖ ବକ୍ତା ଭାବେ ଯୋଗଦେଇ ହିନ୍ଦୁମାନେ ସଶକ୍ତ ହେଲେ ଭାରତ ହିନ୍ଦୁ ଭୂଖଣ୍ଡରେ ପରିଣତ ହୋଇ ପାରିବ ବୋଲି କହିଥିଲେ। ନିଳାମ୍ବର ଉପାଧ୍ୟାୟ ବେଦପାଠ ଓ ହରିଶଙ୍କର ବନ୍ଧ ଧନ୍ୟବାଦ ଅର୍ପଣ କରିଥିଲେ। ବିଜୟ କୁମାର ଦାସ, ମାନସ କୁମାର ପରିଡ଼ା,ରମେଶ ପତି, ଦାମୋଦର ବେହେରା, ରବିନ୍ଦ୍ର ମହାରଣା ସହଯୋଗ କରିଥିଲେ। ସେହିଭଳି ବାଉରିପଦା ମଣ୍ଡଳସ୍ଥ ରାଇକୁଳାଠାରେ ଆୟୋଜିତ ସମ୍ମିଳନୀରେ ଆର୍‌ଏସ୍‌ଏସ୍‌ର ବିଭାଗ ପ୍ରଚାରକ ବିଷ୍ଣୁଚରଣ ନାୟକ ମୁଖ୍ୟବକ୍ତା, କୁରୁଣ୍ଡା ହାଇସ୍କୁଲର ପ୍ରଧାନଶିକ୍ଷକ ମଣିଭଦ୍ର ଯେନା ମୁଖ୍ୟ ଅତିଥି,ଗାୟତ୍ରୀ ପରିବାରର ସଂଯୋଜକ ଦିପ୍ତିକାନ୍ତ ଶାସ୍ତ୍ରୀ, ଦୁର୍ଗାବାହିନୀ ଜିଲା ସଂଯୋଜିକା ମଧୁସ୍ମିତା ମହାପାତ୍ର, ଶମ୍ଭୁନାଥ ମାଝୀ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଗୌତମ ବେହେରା ଓ ଭବେନ୍ଦ୍ର ଶଙ୍ଖୁଆ ସଂଯୋଜନା କରିଥିଲେ। ମୃତ୍ୟୁଞ୍ଜୟ ଶଙ୍ଖୁଆ, ଦିନବନ୍ଧୁ ଶଙ୍ଖୁଆ, ଧର୍ମେନ୍ଦ୍ର ଶିଅଳ, ଦୀପକ କୁମାର, ଅଭିରାମ ବେହେରା, ଲକ୍ଷ୍ମଣ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଆଶ୍ରମ ସ୍କୁଲ୍ ଛାତ୍ରୀଙ୍କ ମୃତ୍ୟୁ

**ଜଳେଶ୍ୱର,୨୫।୧(ନବୀନ ସାହୁ)**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଖୁଆଡ଼ ପଞ୍ଚାୟତ କେନ୍ଦୁଖୁଣ୍ଟା ଆଶ୍ରମ ବିଦ୍ୟାଳୟ ଅନ୍ତେବାସୀ ଇନ୍ଦୁ ସିଂଙ୍କ ମୃତ୍ୟୁ ଘଟିଛି। ଲାଖିଆ ସିଂଙ୍କ ୧୦ ବର୍ଷର ଝିଅ ଇନ୍ଦୁ ସିଂ ଆଶ୍ରମ ସ୍କୁଲରେ ରହି ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିଲେ। ଶନିବାର ସକାଳ ୯ଟାରେ ହଠାତ୍ ଅସୁସ୍ଥତା କାରଣରୁ ବାନ୍ତି ହେବାରୁ ବିଦ୍ୟାଳୟର ଶିକ୍ଷକ ତାଙ୍କ ମା'ଙ୍କୁ ଫୋନ୍ କରିଥିଲେ। ମଧ୍ୟାହ୍ନ ୧ଟା ସମୟରେ ମା' ରାଇମଣି ବିଦ୍ୟାଳୟରେ ପହଞ୍ଚି ଇନ୍ଦୁଙ୍କୁ ଖୁଆଡ଼ରେ ଥିବା ଏକ ଘରୋଇ କ୍ଲିନିକ୍‌କୁ ଆଣି ଔଷଧ ନେଇ ଘରକୁ ନେଇଥିଲେ। ମାତ୍ର ରାତି ୭ଟା ସମୟରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆମ୍ବୁଲାନ୍ସରେ ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପାଇଁ ରବିବାର ସକାଳ ସମୟରେ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲ୍ ନିଆଯାଇଥିଲା। ଏ ନେଇ ମୃତ ଇନ୍ଦୁଙ୍କ ମା' ରାଇମଣି ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

# ଶ୍ରୀଗଣପତି ଯୁବକ ସଂଘର ଗାଁ ପ୍ରତିଭା ସମ୍ମାନ

**ଲଙ୍ଗଳେଶ୍ୱର,୨୫।୧(କମଳାକାନ୍ତ ଦାସ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ୍ ଲଙ୍ଗଳେଶ୍ୱରରେ ସରସ୍ୱତୀ ପୂଜା ଅବସରରେ ନାଡ଼ବଣୀ ଶ୍ରୀ ଗଣପତି ଯୁବକ ସଂଘ ପକ୍ଷରୁ ଶନିବାର ସନ୍ଧ୍ୟାରେ ଗାଁ ପ୍ରତିଭା ସମ୍ମାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱଜିତ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଶିକ୍ଷାବିତ୍ ଅଧ୍ୟାପକ ଡ. ସୁକାନ୍ତ ଗିରି, ମୁଖ୍ୟବକ୍ତା ଖବରଦାତା ରାଧା ଗୋବିନ୍ଦ ଦାସ, ସମ୍ମାନିତ ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶ୍ରୀହରି ମଣ୍ଡଳ, ଅଶୋକ ପ୍ରଧାନ, ଅନିରୁଦ୍ଧ ଜେନା, ପଦ୍ମ ଲୋଚନ ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୦ ଜଣ କୃତୀ ସନ୍ତାନଙ୍କୁ ସମ୍ମାନିତ କରାଯାଇଥିଲା। ଚାରୁ ଚନ୍ଦ୍ର ଦଳାଇ ଅତିଥି ପରିଚୟ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସୁଜିତ କୁମାର ପାତ୍ର, ସରୋଜ ପାଇକ, ବଳରାମ ପରିଡ଼ା, ଭଗୀରଥି ଦଳାଇ, ଉମାକାନ୍ତ ପରିଡ଼ା, ରୁଦ୍ରାକ୍ଷ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଅନୁଜ କୁମାର ପାଇକ ଧନ୍ୟବାଦ ଦେଇଥିଲେ।

# ରେମୁଣାରେ ହିନ୍ଦୁ ସମ୍ମିଳନୀ




ସମ୍ମିଳନୀରେ ଉପସ୍ଥିତ ଅତିଥି।

**ରେମୁଣା,୨୫।୧(ରବୀନ୍ଦ୍ର ମହାକୁଡ଼)**

'ବସୁଧୈବ କୁଟୁମ୍ବକମ୍'ର ବାର୍ତ୍ତା ହିଁ ହିନ୍ଦୁତ୍ୱର ବିଚାର। ସେହି ବିଚାରକୁ ଧ୍ୱଂସ କରିବା, ବିଚାରରେ ଭେଦ ସୃଷ୍ଟି କରିବା ଏବଂ ପରସ୍ପର ମଧ୍ୟରେ ଭେଦ ଭାବ ବୃଦ୍ଧି କରିବା ପାଇଁ ଆଜି କୁଚକ୍ରୀମାନେ ବିଭିନ୍ନ ଉପାୟରେ ଚେଷ୍ଟିତ। ଏଣୁ ହିନ୍ଦୁତ୍ୱକୁ ବୁଝି ତା'ର ସୁରକ୍ଷା ପାଇଁ ସମଗ୍ର ହିନ୍ଦୁ ସମାଜ ଆଗେଇ ଆସିବାକୁ ରେମୁଣା ଏନ୍‌ଏସି ଅଧୀନ ଗାର୍ଗେଶ୍ୱର ଶିବ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହିନ୍ଦୁ ସମ୍ମିଳନୀରେ ମୁଖ୍ୟ ଅତିଥି ଆଧ୍ୟାତ୍ମିକ ପ୍ରବଚକ ଅମୃତାନନ୍ଦ ଦାସ ମହାରାଜ ଆହ୍ୱାନ ଦେଇଛନ୍ତି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶହେ ବର୍ଷ ପାଳନ ଅବସରରେ ହିନ୍ଦୁ ସମାଜ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ବ୍ୟାଙ୍କ ଅଧିକାରୀ ଅମୂଲ୍ୟ ମହାରଣା ଯୋଗ ଦେଇଥିଲେ। କ୍ଷୀରଚୋରା ଗୋପୀନାଥ ମନ୍ଦିରର ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ର ବାରିକ ଅତିଥି ପରିଚୟ ପ୍ରଦାନ ଓ ଅବସରପ୍ରାପ୍ତ ଜିଲା ପ୍ରାଣୀ ଚିକିତ୍ସକ ଡା. ରମାକାନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରଦୀପ ମିଶ୍ର ଏବଂ ଶକ୍ତିପଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋମଯଜ୍ଞ ଏବଂ ବିଶାଳ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ହରେକୃଷ୍ଣ ଗିରି, ମୁକ୍ତେଶ୍ୱର ସେଠୀ, ଜୟନ୍ତୀ ପାତ୍ର, ଇତିଶ୍ରୀ ଜେନା, ହେମବତୀ ବେହେରା, ହରିଶ୍ଚନ୍ଦ୍ର ବେହେରା, ଚନ୍ଦ୍ରକାନ୍ତି ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହୀରକ ଜୟନ୍ତୀ ସମାରୋହର ୨ୟ ସନ୍ଧ୍ୟା

## ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠ

**ସୋର,୨୫।୧(ଜନ୍ମେଜୟ ମିଶ୍ର)**

ସୋର ବ୍ଲକ ମଙ୍ଗଳପୁରସ୍ଥିତ ଭୋଳେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠରର ହୀରକ ଜୟନ୍ତୀ ସମାରୋହର ଦିତୀୟ ସନ୍ଧ୍ୟା ଜୟନ୍ତୀ କମିଟି ସଭାପତି ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଛାତ୍ରୀଛାତ୍ର ପାଠ ପଢ଼ିବା ସହି ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ସକାରାତ୍ମକ ଚିନ୍ତାଧାରା, ଦୃଢ଼ ଇଚ୍ଛାଶକ୍ତି, ସମୟାନୁବର୍ତ୍ତିତା, ଅଧ୍ୟବସାୟ ରହିଲେ ସଫଳତା ମିଳିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇଥିଲେ। ବରେଣ୍ୟ ଅତିଥି ପୂର୍ବତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅନ୍ୟତମ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଅନୁସୂୟା ମଳିକ, ସରପଞ୍ଚ ବନିତା ପଣ୍ଡା, ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ପୁରାତନ ଛାତ୍ର ସଂସଦର ସଭାପତି ଶ୍ରୀଧର ସାହୁ, ସମ୍ପାଦକ ମୁରଲୀଧର ପାଢ଼ୀ ଯୋଗଦେଇଥିଲେ। ଏହି ଅବସରରେ ହୀରକ ଜୟନ୍ତୀ ମୁଖପତ୍ର 'ଆମ ପରିବାର' ଲୋକାର୍ପିତ ହୋଇଥିଲା। ଏଥିସହ ଦିବ୍ୟାଙ୍ଗ ନୃତ୍ୟଶିଳ୍ପୀ ପ୍ରଶାନ୍ତ ରାଉତ ଏବଂ ସାମାଜିକ କର୍ମୀ ଜୟନ୍ତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହୀରକ ଜୟନ୍ତୀ କମିଟି ସମ୍ପାଦକ ପ୍ରଶାନ୍ତ ମହନ୍ତ ବାର୍ଷିକ ବିବରଣୀ ପାଠ କରିଥିଲେ। ଜଗବନ୍ଧୁ ଦାସ ଏବଂ ତାପସୀରାଣୀ ଦାସ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ପୁରାତନ ଛାତ୍ର ଶଙ୍କର୍ଷଣ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ପୁରାତନ ଛାତ୍ର ସଂସଦ ବାର୍ଷିକୋତ୍ସବ

## ତାଳକୁରୁଣିଆଁ ସନାତନ ଉଚ୍ଚ ବିଦ୍ୟାଳୟ

**ବାହାନଗା,୨୫।୧(ଅରୂପ କୁମାର ଦାସ)**



ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଦାୟାଦଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାହାନଗା ବ୍ଲକ ତାଳକୁରୁଣିଆଁସ୍ଥିତ ସନାତନ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଆଖିରେ ଦୟା, ହାତରେ ଦାନ, ମୁହଁରେ ହସ, କଣ୍ଠରେ ମାଧୁର୍ଯ୍ୟ, ହୃଦୟରେ ପ୍ରେମକୁ ଯେଉଁ ଛାତ୍ର ବ୍ୟବହାର କରିବ ସେହି ଛାତ୍ର ସମାଜରେ ଭଲ ମଣିଷ ହୋଇ ପାରିବ ବୋଲି ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ଚେତନା ସାହିତ୍ୟ ସଂସଦର ସମ୍ପାଦକ ଶରତ ଚନ୍ଦ୍ର ମହାପାତ୍ର ପ୍ରକାଶ କରିଥିଲେ। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ପୁରାତନ ଛାତ୍ର ସଂସଦର ସଭାପତି ଶ୍ୟାମସୁନ୍ଦର ଭୋଇ। ବାର୍ଷିକ ବିବରଣୀ ପାଠ କରିଥିଲେ ପୁରାତନ ଛାତ୍ର ବ୍ରଜ ମୋହନ ଆଚାର୍ଯ୍ୟ। ସଭାରେ ମୁଖ୍ୟଅତିଥି ଭାବେ ଅନୁଗୋଳ ସ୍ଥିତ ନାଲକୋ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ସୁରେନ୍ଦ୍ର ପ୍ରସାଦ ପାଢ଼ୀ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଚେତନା ସାହିତ୍ୟ ସଂସଦର ସମ୍ପାଦକ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପାଢ଼ୀ, ସିଆରସିସି ମଣିଭଦ୍ର ନାୟକ, ତାଳକୁରୁଣିଆଁ ପଞ୍ଚାୟତର ସରପଞ୍ଚ ସଞ୍ଜନା ଜେନା, ସମିତିସଭ୍ୟା ଗାୟତ୍ରୀ ଜେନା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ପୁରାତନ ଛାତ୍ର ଯଦୁନାଥ ପରିଡ଼ା ଓ ତାଳକୁରୁଣିଆଁ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ନେହଲତା ପାଣିଗ୍ରାହୀ। ଏହି ଅବସରରେ ବିଦ୍ୟାଳୟରୁ ଅବସର ନେଇଥିବା ଶିକ୍ଷୟିତ୍ରୀ, ଶିକ୍ଷକ, ଅଣଶିକ୍ଷକ, ଶିକ୍ଷା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ଜମିଦାନ ଓ ସହଯୋଗ କରିଥିବା ୪ ଜଣ ମହୟସୀଙ୍କ ଉତ୍ତରାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଆନ୍ତଃବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଉତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ଛାତ୍ରୀମାନେ କଠିନ ଅଧ୍ୟବସାୟ ଦ୍ୱାରା ସଫଳତାର ଶୀର୍ଷରେ ପହଞ୍ଚି ପାରିବେ'

**ଭୋଗରାଇ,୨୫।୧(ପ୍ରଦୀପ ଦାସ)**



ଛାତ୍ରୀମାନେ ଆମଦେଶର ଭବିଷ୍ୟତ। ସେମାନଙ୍କ ମଧ୍ୟରେ ରହିଛି ଭରପୁର ପ୍ରତିଭା ଓ ନୂତନ ରାଷ୍ଟ୍ର ଗଠନର ସମ୍ଭାବନା। ଛାତ୍ରୀମାନେ କଠିନ ଅଧ୍ୟବସାୟ, ଗଭୀର ଅନୁଚିନ୍ତା, ଏକାଗ୍ରତା ଓ ଦୃଢ଼ ମନୋବଳ ଥିଲେ ସେମାନେ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ। ବାଲେଶ୍ୱର ଜିଲା ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭୋଗରାଇ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରବିବାର ପୂର୍ବାହ୍ନରେ ଆୟୋଜିତ ୩୪ତମ ବାର୍ଷିକ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତପ୍ରକାଶ କରିଛନ୍ତି।

ମୁଖ୍ୟ ଅତିଥିଭାବେ ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ସମ୍ମାନିତ ଅତିଥି ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର ଗିରି, ଜିଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସରପଞ୍ଚ ସୁଷମା କର ପ୍ରମୁଖ ଯୋଗଦେଇ ସବୁ ଗୁରୁ ସଦଗୁରୁ ନୁହନ୍ତି କି ସବୁ ଛାତ୍ରୀଛାତ୍ର ଭଲ ନୁହନ୍ତି ବୋଲି ପ୍ରକାଶ କରିଥିଲେ। ଏଥି ସହିତ ଭୋଗରାଇ ଛାତ୍ରୀ ସ୍ୱର୍ଗତା ଛାତ୍ରୀ ସୌମ୍ୟାଶ୍ରୀ ବିଶି ଓ ମହିଳା ଶିକ୍ଷା ଜାଗରଣର ପ୍ରତୀକ ସାବେତ୍ରୀ ବାଇ ଫୁଲେ ଓ ରେଡ଼ିୟମ ଉଦ୍ଭାବନର ଜନନୀ ମେରୀ କ୍ୟୁରୀଙ୍କ ଜୀବନ ସଂଗ୍ରାମ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଯୁକ୍ତ ୨ କଳାରେ ବ୍ଲକ୍ ଟପ୍ପର, ଜିଲାରେ ୨ୟ ଓ ରାଜ୍ୟରେ ୧୦ମ ସ୍ଥାନ ଅଧିକାର କରିଥିବା ଶିକ୍ଷାନୁଷ୍ଠାନର ଇତିଶ୍ରୀ କର ଏବଂ ପ୍ରୀତି ରଞ୍ଜିତା ମାଝୀ ଓ ବସୁମତୀ ଧଳଙ୍କୁ ଅଧିକ ମାର୍କ ପାଇଁ ଗୌରବ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଙ୍କୁ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାନୁଷ୍ଠାନର ଅଧ୍ୟାପିକା ସାଧନା ନାୟକ ମଞ୍ଚ ଆହ୍ୱାନ କରିଥିବା ପରେ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ତଥା ଶିକ୍ଷାବିତ୍ ପଂକଜାକ୍ଷ ପଣ୍ଡା ପୌରହିତ୍ୟ କରିଥିଲେ। ଅଧ୍ୟାପକ ରାଜୀବ ଲୋଚନ ପରିଡ଼ା ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। ଅଧ୍ୟାପକ ରାମ ଚନ୍ଦ୍ର ଭଞ୍ଜ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା କଳ୍ପନା ରାଣୀ ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥଲେ। ଅଧ୍ୟାପକ ସରୋଜ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଙ୍କ ପକ୍ଷରୁ ପ୍ରଦର୍ଶିତ ନାଟକ ଦୂର ପାହାଡ଼ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା। ଅଣଶିକ୍ଷକ ବଳରାମ ବିଶି, ସୁବ୍ରତ ଦାସ, ଶକ୍ତିପଦ ଜେନା, ଅଧ୍ୟାପିକା ସଂଯୁକ୍ତା ମାହାନ୍ତି, ଜ୍ୟୋତ୍ସ୍ନାରାଣୀ ନାୟକ ପରିଚାଳନା କରିଥିଲେ।

# ଯୋଡ଼ା-କାଳିମାଟି ରାଜ୍ୟ ରାଜପଥ ମରଣଯନ୍ତା

## ପ୍ରଦୂଷଣରେ ଅତିଷ୍ଠ ଅଞ୍ଚଳବାସୀ

ଯୋଡ଼ା,୨୫।୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା-କାଳିମାଟି ରାଜ୍ୟ ରାଜପଥ ନଂ. ୨ ମରାମତି ଅଭାବରୁ ଦିନକୁ ଦିନ ଜରାଜୀର୍ଣ୍ଣ ହୋଇପଡ଼ିଛି। ରାଜପଥର ବି ପ୍ଲଟ୍ ନିକଟ ରାସ୍ତା ମରଣଯନ୍ତା ପାଲଟିଛି। ମେଟାଲ ବାହାରି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି। ଖରାପ ରାସ୍ତାରେ କମ୍ପାନୀର ପରିବହନ କାର୍ଯ୍ୟ ଅହରହ ଜାରି ରହିଥିବାରୁ ଧୂଳି ଧୂଆଁରେ ଅଞ୍ଚଳବାସୀ ଅତିଷ୍ଠ ହୋଇଗଲେଣି। ରାସ୍ତା ନିକଟରେ ଘର କରିଥିବା ଲୋକେ ଓ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମରାମତି କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ ଲୋକେ ଯାତାୟାତରେ ସମସ୍ୟା ଭୋଗୁଛନ୍ତି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି ସମସ୍ୟା ସମାଧାନ ହେଉ ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ପ୍ରକାଶ ଯେ, ଡିଏମ୍ଏଫ୍ ଫଣ୍ଡ ଖର୍ଚ୍ଚରେ ଉକ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ଅତି ନିମ୍ନମାନର କାର୍ଯ୍ୟ ଯୋଗୁ ରାଜପଥର ଅନେକ ସ୍ଥାନରେ ରାସ୍ତାରୁ ମେଟାଲ ବାହାରି ଖରାପ ହୋଇପଡ଼ିଛି। ବର୍ତ୍ତମାନ ପରିସ୍ଥିତିରେ ରାଜପଥର ମରାମତି କାର୍ଯ୍ୟ କରାଯାଉଥିବା ବେଳେ ରାସ୍ତାର କିଛି ସ୍ଥାନରେ ଏହା ବହୁ ବିଳମ୍ବରେ କରାଯାଉଛି। ମରାମତି କାର୍ଯ୍ୟ ବି ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଜରିବାହାଲ, ବି ପ୍ଲଟ୍, ବାମେବାରି, କାଳିମାଟି ରାସ୍ତା ମରାମତି କରିବାକୁ ଅନେକ ବର୍ଷ ସମୟ ଲାଗିଯିବ ବୋଲି ଲୋକେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ରାସ୍ତା ଦେଇ ବିଭିନ୍ନ ଖଣି କମ୍ପାନୀର ପରିବହନ ଟ୍ରକ୍ ଚଳାଚଳ କରୁଥିଲେ ହେଁ କମ୍ପାନୀଗୁଡ଼ିକ ମୋରମ ଗଣ୍ଡେ ବି ପକାଉନାହାନ୍ତି। ଖରାପ ରାସ୍ତାରେ କମ୍ପାନୀର ପରିବହନ କାର୍ଯ୍ୟ ଅହରହ ଜାରି ରହିଥିବାରୁ ଧୂଳି ଧୂଆଁ ଉଡ଼ି ଅଞ୍ଚଳ ପ୍ରଦୂଷିତ ହେଉଛି। ରାସ୍ତା ନିକଟରେ ଘର କରିଥିବା ଲୋକେ ଓ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଘରର ଟିଣ, ଛାତରେ ମୋଟା ଆସ୍ତରଣର ଧୂଳି ଜମା ହେଉଛି। ରୋଷେଇ ଘରେ ଖାଦ୍ୟ ପଦାର୍ଥ ଧୂଳିମୟ ହୋଇଯାଉଥିବା ଗ୍ରାମର ପଙ୍କଜ ବାରିକ କହିଛନ୍ତି। ଏପରିକି ଏଠାରେ ପାନୀୟ ଜଳ ମଧ୍ୟ ନାଲି ରଙ୍ଗ ହୋଇଯାଉଛି। ଲୋକେ ଦୂଷିତ ପାନୀୟ ଜଳ ବ୍ୟବହାର କରି



ବିପର୍ଯ୍ୟସ୍ତ ରାସ୍ତାରେ ଧୂଳି ଉଡୁଛି।

ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏଥିପ୍ରତି ପ୍ରଶାସନର ଦୃଷ୍ଟି ପଡୁନାହିଁ ବୋଲି ଗ୍ରାମର ପାଣ୍ଡୁ ଚାମ୍ପିଆ, ଗୌରାଙ୍ଗ ମୁଣ୍ଡା, ସୂର୍ଯ୍ୟମଣି ନାଏକ କହିଛନ୍ତି। ମରାମତି ଓ ପ୍ରଦୂଷଣକୁ ନିୟନ୍ତ୍ରଣ ପାଇଁ ରାସ୍ତାରେ ଜଳ ସିଞ୍ଚନ ବ୍ୟବସ୍ଥା କରିବାକୁ ଗ୍ରାମବାସୀ ଦାବି କରି ଅନେକ ସମୟରେ ରାସ୍ତାରୋକୋ କରିଛନ୍ତି। ଦିନେ ଦୁଇ ଦିନ ରାସ୍ତାରେ ପାଣି ପଡ଼ିବା ପରେ ପୁଣି ସେହି ଅବସ୍ଥା ରହିଯାଉଛି। ସ୍ଥାନୀୟ ଖଣି କମ୍ପାନୀଙ୍କୁ ଏ ନେଇ ଗ୍ରାମବାସୀ ଜଣାଇଲେ ସୁଦ୍ଧା କମ୍ପାନୀଗୁଡ଼ିକ ଅଣଦେଖା କରୁଛନ୍ତି। ଏଣୁ ବିଭାଗୀୟ ତଦାରଖ ହେଲେ ରାସ୍ତା ମରାମତି କାର୍ଯ୍ୟ ଉନ୍ନତ ମାନର ହେବ। ଏଥି ସହିତ ଜରାଜୀର୍ଣ୍ଣ ହୋଇପଡ଼ିଥିବା ରାସ୍ତା କିଛିକାଂଶରେ ମରାମତି ହୋଇ ପାରନ୍ତା ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ବାମେବାରିଠାରୁ କାଳିମାଟି ଟୋଲ ଗେଟ ପର୍ଯ୍ୟନ୍ତ ଥିବା ରାସ୍ତାର ମରାମତି ପାଇଁ ଏକ ଠିକା ସଂସ୍ଥାକୁ ଦିଆଯାଇଛି। ସଂସ୍ଥା ପକ୍ଷରୁ ଗତ ୧ ମାସ ହେଲା ରାସ୍ତାର କିଛିଅଂଶରେ ମେଶିନ ଲଗାଇ ଖୋଳି ଦିଆଯାଇ ମରାମତି ନ କରି ଚମ୍ପଟ ମାରିଥିବା ବଡ଼ କାଳିମାଟି ପଞ୍ଚାୟତର ସମିତିସଭ୍ୟା ଅଷ୍ଟମୀ ମୁଣ୍ଡା, ସରପଞ୍ଚ ପାନପତି ମୁଣ୍ଡା, ଖବରଦାତା ରବୀନ୍ଦ୍ର ଖମାଣିଆ, ସନାତନ ବାରିକ, ଢୁକୁରା ମୁଣ୍ଡା, ପରମେଶ୍ୱର ନାଏକ ପ୍ରମୁଖ କହିଛନ୍ତି। ବହୁବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଯୋଡ଼ା ବ୍ଲକ୍‌ରେ ହୋଇଥିବା ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ୍ୟ ଅଭିଯୋଗ କରି ନିରାଶ ହୋଇଥିବା କହିଛନ୍ତି।

କେନ୍ଦୁଝର ପିଡବ୍ଲୁଡି ବିଭାଗର ଏସ୍ଇ ସମ୍ବିତ ମହାନ୍ତି କହିଛନ୍ତି, ଯୋଡ଼ାରୁ ବାମେବାରି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ମରାମତି କାର୍ଯ୍ୟ କରାଯାଉଛି। ଏଥି ସହିତ ଯୋଡ଼ାରୁ ପଳାଶପଙ୍ଗା ପର୍ଯ୍ୟନ୍ତ ରାସ୍ତାର ୬ ଲେନ ନିର୍ମାଣ ନେଇ ରାଜ୍ୟ ସରକାରଙ୍କ ଯୋଜନା ରହିଛି। ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା କରାଯାଇ ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ।

# ଘରୋଇ କଳହରୁ ଦମ୍ପତିଙ୍କ ଆତ୍ମହତ୍ୟା

ବଡ଼ଲା,୨୫।୧(ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହଦଗଡ଼ ପଞ୍ଚାୟତ ହରଡ଼ବାଡ଼ି ଗ୍ରାମର ତଳସାହିରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଘରୋଇ କଳହରୁ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ହରଡ଼ବାଡି ଗ୍ରାମର ବାଘରାଇ ହାଁସଦା(୨୪) ଓ ତାଙ୍କ ଦ୍ୱିତୀୟ ସ୍ତ୍ରୀ ରାଇମଣୀ ସୋରେନ(୨୦)। ସୂଚନା ଅନୁଯାୟୀ, ବାଘରାଇ ପ୍ରଥମ ସ୍ତ୍ରୀ ଥିବାବେଳେ ଏକ ସନ୍ତାନ ମଧ୍ୟ ରହିଛି। ଏହାକୁ ନେଇ ସ୍ୱାମୀ ଓ ପ୍ରଥମ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେବା ସହିତ ଅଶାନ୍ତି ଲାଗି ରହୁଥିଲା। ଏହାକୁ ନେଇ ରବିବାର ଗ୍ରାମରେ ବୈଠକ ହେବାକୁ ଆଲୋଚନା ହୋଇଥିଲା। ମାତ୍ର ରବିବାର ପୂର୍ବାହ୍ନରେ ବାଘରାଇ ଓ ତାଙ୍କ ଦ୍ୱିତୀୟ ପତ୍ନୀ ରାଇମଣୀ ଗାଁ ମୁଣ୍ଡରେ ଥିବା ଡୋଟାରେ ଏକ ଗଛରେ ରସି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହାକୁ ନେଇ ଗ୍ରାମବାସୀ ଦେଖିବା ପରେ ବଡ଼ଲା ଫାଣ୍ଡି ଓ ସୋସୋ ଥାନାକୁ ଜଣାଇଥିଲେ। ସୋସୋ ପୋଲିସ ଓ ବଡ଼ଲା ଫାଣ୍ଡି ଅଧିକାରୀ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜରି ରହିଥିବା ଥାନା ଅଧିକାରିଣୀ କାନନ ସାହୁ କହିଛନ୍ତି।

# ଢେଙ୍କିକୋଟ୍‌ରେ ହିନ୍ଦୁ ସମ୍ମିଳନୀ



ହିନ୍ଦୁ ସମ୍ମିଳନୀରେ ଅନୁଷ୍ଠିତ ଯଜ୍ଞ।

ଢେଙ୍କିକୋଟ,୨୫।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଢେଙ୍କିକୋଟ୍‌ସ୍ଥିତ ସତ୍ୟନାରାୟଣ ବିଦ୍ୟାପୀଠ ଖେଳ ପଡ଼ିଆଠାରେ ମା'ତାରିଣୀ ଆୟୋଜକ ସମ୍ମିତି ପକ୍ଷରୁ ରବିବାର ପବିତ୍ର ମାଘ ସପ୍ତମୀ ତିଥିରେ ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ୧୦୮ ଭଉଣୀ ଶୋଭାଯାତ୍ରାରେ କଳସ ଆଣିଥିଲେ। ପୂଜକ ଓମ ପ୍ରକାଶ ଶତପଥିଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା କରି ହୋମ ଯଜ୍ଞ କରାଯାଇଥିଲା। କେନ୍ଦୁଝର ଏମ୍‌ପି ଅନନ୍ତ ନାୟକଙ୍କ ଦ୍ୱାରା ଗୋମାତା ପୂଜନ କରାଯାଇଥିଲା। ହୋମଯଜ୍ଞରେ ଲଙ୍ଗଳକଣ୍ଟିସ୍ଥିତ ବେଦ ବିଦ୍ୟାଳୟର ଆଚାର୍ଯ୍ୟ ଓ ଛାତ୍ରମାନେ ମନ୍ତ୍ର ଉଚ୍ଚାରଣ କରିବା ସହ ଯଜ୍ଞ ପୂଜକଙ୍କୁ ସହଯୋଗ କରିଥିଲେ। ଢେଙ୍କିକୋଟ୍ ହାଇସ୍କୁଲର ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଜୟଦେବ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସତ୍ୟନାରାୟଣ ବିଦ୍ୟାପୀଠର ପୁରାତନ ଶିକ୍ଷକ କୁଳମଣି ମଣ୍ଡଳ, ମୁଖ୍ୟ ବକ୍ତାଭାବେ କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ପ୍ରଫେସର ଶଶିକାନ୍ତ ଜେନା, ସମ୍ମାନୀୟ ଅତିଥିଭାବେ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧାପକ ଭାଗୀରଥୀ ପୃଷ୍ଟି ଯୋଗଦେଇ ହିନ୍ଦୁତ୍ୱ ବିଷୟରେ ବୁଝାଇଥିଲେ। ସମ୍ମିଳନୀରେ ଏକ ହଜାରରୁ ଉର୍ଦ୍ଧ୍ୱ ହିନ୍ଦୁ ଭଉଣୀ, ଭାଇ ଏକତ୍ରିତ ହୋଇଥିଲେ। ଅତିଥିଙ୍କ ଦ୍ୱାରା ୫ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଯବାନ ବଳଭଦ୍ର ମହାକୁଡ଼, ଭୋଳାନାଥ ମହାନ୍ତ, ରମେଶ ଚନ୍ଦ୍ର ନାୟକ, ରଣଜିତ ନାୟକ ଓ ଲଲାଟେନ୍ଦୁ ମହାନ୍ତଙ୍କୁ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ସାମାଜିକକର୍ମୀ ପ୍ରଫୁଲ୍ଲ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ମୃତି ରଞ୍ଜନ ସାହୁ, ସଚ୍ଚିଦାନନ୍ଦ ପ୍ରଧାନସଭା ପରିଚାଳନା କରିଥିଲେ ।

# ସାଇକେଲ ଆରୋହୀଙ୍କ ଉପରେ ମାଡ଼ିଗଲା ହାଇୱା

## କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକୋ

ହାଟଡ଼ିହୀ/ବଡ଼ଲା,୨୫।୧(ଶୁଭକାନ୍ତ ନାୟକ/ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଶାଳନିଆଁ ବଜାରରେ ଏକ ହାଇୱା ସାଇକେଲ ଆରୋହୀଙ୍କ ଉପରେ ମାଡ଼ି ଯାଇଛି। ଫଳରେ ଘଟଣାସ୍ଥଳରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ବିଷ୍ଣୁପୁର ଗ୍ରାମର ଆନନ୍ଦ ଜେନା (୫୮)। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି। ସ୍ଥାନୀୟ ଲୋକ ବିଷ୍ଣୁପୁର ବାଲି ଘାଟକୁ ଯାଇଥିବା ହନୁମାନ ଛକ ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି। ସୂଚନା ଅନୁଯାୟୀ, ଶାଳନିଆଁ ବଜାର-ବିଷ୍ଣୁପୁର ରାସ୍ତା ଦେଇ ବୈତରଣୀ ନଦୀ ବାଲିଘାଟକୁ ହାଇୱା ଯାଉଥିଲା। ବଜାରରୁ ଆନନ୍ଦ ନିଜ ଘରକୁ ସାଇକେଲ ଯୋଗେ ଫେରୁଥିଲେ। ପଛପଟୁ ବାଲି ଘାଟକୁ ଯାଉଥିବା ହାଇୱା ଦୁର୍ଘଟଣା ଗ୍ରସ୍ତ ହୋଇ ସାଇକେଲ ସହ ଆନନ୍ଦଙ୍କ ଉପରେ ଚଢ଼ି ଯାଇଥିଲା। ପ୍ରଥମେ ଶାଳନିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ନେବା ରାସ୍ତାରେ ତାଙ୍କର ମୃତ୍ୟୁ ଘଟିଛି। ରାସ୍ତାରେ ବାଲିଗାଡ଼ି ଚଳାଚଳ ଉପରେ କଟକଣା ଓ କ୍ଷତିପୂରଣ ଦାବି ଲୋକେ ରାସ୍ତାରୋକୋ କରିଛନ୍ତି। ନନ୍ଦିପଦା ପୋଲିସ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରୁଛି। ହାଇୱା ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଖବର ଲେଖା ହେବା ବେଳକୁ ଲୋକେ ରାସ୍ତାରେ ବସିଥିଲେ।



ପରିବାର ଲୋକେ ରାସ୍ତାରେ ମୃତଦେହ ରଖି ପ୍ରତିବାଦ କରୁଛନ୍ତି।

# ଜିଲାସ୍ତରୀୟ ଜାତୀୟ ମତଦାତା ଦିବସ




ଅଧିକାରୀମାନେ ଶପଥ ପାଠ କରୁଛନ୍ତି।

କେନ୍ଦୁଝର,୨୫।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାସ୍ତରୀୟ ୧୬ତମ ଜାତୀୟ ମତଦାତା ଦିବସ ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ ସଂଯୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ ଯୋଗଦେଇ ଜାତୀୟ ମତଦାତା ଦିବସ, ଗଣତନ୍ତ୍ରରେ ମତଦାନର ଗୁରୁତ୍ୱ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦୁଝର ଉପ ଜିଲାପାଳ ଉମାଶଙ୍କର ଦଳାଇ, ଅତିରିକ୍ତ ଉପ ଜିଲାପାଳ ପୁନମ ବିନିତା ବାଗେ, ଡେପୁଟି କଲେକ୍ଟର ବିକାଶ ଚନ୍ଦ୍ର ସାହୁ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ସଭା ସଂଯୋଜନା କରିଥିଲେ। ଏହି ଅବସରରେ ନୂତନଭାବେ ଭୋଟରରୂପେ ପଞ୍ଜୀକୃତ ହୋଇଥିବା ଯୁବତୀ, ଯୁବକଙ୍କୁ ଭୋଟର ପରିଚୟ ପ୍ରଦାନ କରାଯାଇଥିଲା। ମତଦାନର ଗୁରୁତ୍ୱକୁ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ପ୍ରଚାର ପ୍ରସାର କରିବା ନିମନ୍ତେ ବିଦ୍ୟାଳୟ, ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମତଦାନର ଶପଥପାଠ କରାଯାଇଥିଲା। ସକାଳେ ଏକ ଭୋଟର ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ ପତାକା ପ୍ରଦର୍ଶନ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଜିଲାପାଳ (ନିର୍ବାଚନ) ସନ୍ତୋଷ ପରିଡ଼ା ପରିଚାଳନା କରିଥିବା ବେଳେ ବରିଷ୍ଠ ରାଜସ୍ୱ ସହାୟକ ପାର୍ଥସାରଥୀ ନାୟକ, ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ।

# ଗିରଫ ୨ ସହଯୋଗୀ କୋର୍ଟ ଚାଲାଣ

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ଡକାୟତି ଘଟଣା



ଗିରଫ ଲୁଟେରା ଦଳର ଦୁଇ ସହଯୋଗୀ।

ବଡ଼ବିଲ,୨୫।୧ (ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ବଡ଼ବିଲ ଶାଖା ଷ୍ଟ୍ରଙ୍ଗ ରୁମ୍‌ରୁ ଗତ ୧୯ତାରିଖରେ ୬ ଦୁର୍ବୃତ୍ତ ବନ୍ଧୁକ ମୁନରେ ଭୟଭିତ କରି ୬ କିଲୋଗ୍ରାମ ୪ ଶହ ଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର ଏବଂ ନଗଦ ୪ ଲକ୍ଷ ୩୮ ହଜାର ୭ ଶହ ଟଙ୍କା ଲୁଟି ନେଇ ଥିଲେ। ଘଟଣାରେ ପୋଲିସ ଝାଡ଼ଖଣ୍ଡ ରାଜ୍ୟ ଧାନବାଦରୁ ଲୁଟେରା ଦଳର ୨ ଜଣ ସହଯୋଗୀଙ୍କୁ ଗିରଫ କରି ଆଣି ବଡବିଲରେ ଶନିବାର ରାତିରେ ପହଞ୍ଚିଥିଲା। ରବିବାର ଲୋକଙ୍କ ଆସ୍ଥାଭାଜନ ହେବାକୁ ପୋଲିସ ୨ ଅଭିଯୁକ୍ତଙ୍କୁ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ବଡ଼ବିଲ ଶାଖା ନିକଟ ରାସ୍ତାଦେଇ ଚଲାଇ ଚଲାଇ ନେଇଥିଲା। ରବିବାର ପୂର୍ବାହ୍ନରେ ଅଭିଯୁକ୍ତ ଦ୍ୱୟଙ୍କୁ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ହାଜର କରାଯାଇଥିଲା। ଜାମିନ ଆବେଦନ ଖାରଜ ପରେ ବଡ଼ବିଲ ଉପକାରଗାରକୁ ପଠାଇ ଦିଆଯାଇଛି।

# ଉତ୍ତମ କଂଗ୍ରେସ ସଦର ବ୍ଲକ୍ ସଭାପତି

କେନ୍ଦୁଝର,୨୫।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କଂଗ୍ରେସ ଦଳର କେନ୍ଦୁଝର ଜିଲା ସଦର ବ୍ଲକ୍ ସଭାପତିଭାବେ ଉତ୍ତମ କୁମାର ସାହୁଙ୍କ ନାମ ଘୋଷଣା ହୋଇଛି। କ୍ରମାଗତଭାବେ ତୃତୀୟ ଥର ବ୍ଲକ୍ ସଭାପତି ମନୋନୟନ ହୋଇଛନ୍ତି। ତାଙ୍କ ଘର ପଦ୍ମପୁର ଗ୍ରାମରେ ହୋଇଥିବା ବେଳେ ଦୀର୍ଘ ୪ ଦଶନ୍ଧି ଧରି ସେ କଂଗ୍ରେସ ଦଳରେ ରହି ଶୃଙ୍ଖଳିତ କର୍ମୀଭାବେ କାମ କରି ଆସୁଛନ୍ତି। ସେ ଲୋକଙ୍କ ସହିତ ଅଛନ୍ତି ଏବଂ ଲୋକଙ୍କ ପାଇଁ କାମ କରିବେ ବୋଲି କହିଛନ୍ତି। ତାଙ୍କ ବାପା ମଧ୍ୟ ଜଣେ ପୁରୁଖା କଂଗ୍ରେସ ନେତା ଭାବେ ବେଶ ଜଣାଶୁଣା ଥିଲେ। ସଦର ବ୍ଲକ୍ ସଭାପତି ମନୋନୀତ ହୋଇଥିବାରୁ ଜିଲା ତଥା ରାଜ୍ୟ ବରିଷ୍ଠ ନେତୃବୃନ୍ଦଙ୍କୁ ଧନ୍ୟବାଦ ଦେଇଛନ୍ତି। ତାଙ୍କର ଶୁଭେଚ୍ଛୁ, ଦଳୀୟ କର୍ମୀମାନେ ନୂତନ ପଦବୀ ପାଇଁ ଖୁସି ବ୍ୟକ୍ତ କରି ତାଙ୍କୁ ସ୍ୱାଗତ କରିଛନ୍ତି।

# ଦୁର୍ଘଟଣାରେ ଯୁବକ ମୃତ

ପାଟଣା,୨୫।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ବ୍ଲକ୍ ବରବେଡ଼ା ଆମ୍ବ ବାଗାନ ନିକଟ ଗାଡ଼ିଆରୁ ରବିବାର ସାହାରପଡ଼ା ଫାଣ୍ଡି ପୋଲିସ ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ମୃତକ ଜଣକ ହେଲେ ଉକ୍ତ ଫାଣ୍ଡି ଗଣ୍ଡବେଡ଼ା ପଞ୍ଚାୟତ ଲକ୍ଷ୍ମୀପଶି ଗ୍ରାମର କିଶୋର ମୁଣ୍ଡାଙ୍କ ପୁଅ ଚନ୍ଦନ (୨୧)। ଚନ୍ଦନ ଶନିବାର ବାଇକ ଯୋଗେ ଚାତରପାଣିକୁ ଟୁସୁ ଯାତ୍ରା ଦେଖାଇବାକୁ ଯାଇ ରାତିରେ ଗ୍ରାମକୁ ଫେରୁଥିଲେ। ବରବେଡ଼ା ସ୍କୁଲ ନିକଟରେ ତାଙ୍କୁ ଅଜଣା ଗାଡ଼ି ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଚନ୍ଦନ ମୁଣ୍ଡା ବାଇକ୍ ସହିତ ପୋଖରୀ ଭିତରେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରବିବାର ସ୍ଥାନୀୟ ଲୋକେ ପୋଲିସକୁ ଖବରଦେବା ପରେ ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ ପହଞ୍ଚି ମୃତଦେହ ଜବତ କରଥିଲେ। ପୋଲିସ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ପାଟଣା ଥାନାରେ ଏକ ମାମଲା(ନଂ.୩୫/୨୬)ରୁଜୁ ହୋଇଛି।

# ଧର୍ମପରାୟଣାଙ୍କ ପରଲୋକ

ବଡ଼ଲା,୨୫।୧ (ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ର ଗେଡ୍‌ମା ଗ୍ରାମର ଧର୍ମପରାୟଣ ମହିଳା ନିଶାରାଣି ଦାସ(୮୧)ଙ୍କ ପରଲୋକ ହୋଇଯାଇଛି। ସେ ଜଣେ



ମିଷ୍ଟଭାଷୀ, ଧର୍ମପରାୟଣ ମହିଳା ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ମାନଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମର ଶରୀରକୁ ଗ୍ରାମ ପରିକ୍ରମା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ଼ପୁଅ ନୟନ ରଞ୍ଜନ ମୁଖାଗ୍ନି ଦେଇଥିବାବେଳେ ପୁତ୍ର ମନୋରଞ୍ଜନ, ଜ୍ଞାନ ରଞ୍ଜନ ଓ ଚିତ ରଞ୍ଜନଙ୍କ ସମେତ ବୋହୂ, ଝିଅ ଜ୍ୱାଇଁ, ନାତିନାତୁଣୀ ଉପସ୍ଥିତ ଥିଲେ।

# ରମ୍ପାସ୍‌କୁ ପରାସ୍ତ କରି କପୁଣ୍ଡି ଚାମ୍ପିୟନ

## ମା' ବରାହୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବଞ୍ଚୋ,୨୫।୧(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ବଞ୍ଚୋ ପଞ୍ଚାୟତର ମା' ବରାହୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଏକ ଦିବସୀୟ କ୍ରିକେଟ୍ ମ୍ୟାଚ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ହାଟଡ଼ିହୀ ବ୍ଲକ୍‌ର କପୁଣ୍ଡି ଏକାଦଶ ଏବଂ ରମ୍ପାସ ଏକାଦଶ ମଧ୍ୟରେ ଖେଳା ଯାଇଥିଲା। ରମ୍ପାସକୁ ହରାଇ କପୁଣ୍ଡି ଚାମ୍ପିୟନ ବିବେଚିତ ହୋଇଛି।

ପ୍ରଥମେ ବ୍ୟାଟିଂ କରି କପୁଣ୍ଡି ଏକାଦଶ ୯ ଉଇକେଟ୍ ବିନିମୟରେ ୧୦୫ରନ ସଂଗ୍ରହ କରିଥିଲା। ଜବାବରେ ରମ୍ପାସ ଏକାଦଶ ବ୍ୟାଟିଂ କରି ସମସ୍ତ ଉଇକେଟ୍ ପତନ ପରେ ମାତ୍ର ୬୦ ରନ୍ ସଂଗ୍ରହ କରିଥିଲା। ଫାଇନାଲ ମ୍ୟାଚ୍‌ରେ ମୁଖ୍ୟ ଅତିଥିଭାବେ ଏମ୍‌ପିଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର, ଅନ୍ୟତମ ଅତିଥିଭାବେ ଭାଜପା ନେତା ସୁଭଦ୍ରି ବଳିୟାରସିଂ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ୍‌ର ରଶ୍ମି ରଞ୍ଜନ ରାଉତ, ଅନିତ୍ୟ ବଳିୟାରସିଂହ, ସୁବ୍ରତ ବିଶ୍ୱାଳ, ସଞ୍ଜୟ ରାଉତ, ପ୍ରଦୀପ ରାଉତ, ପ୍ରମୋଦ ନାୟକ, ସଞ୍ଜୀବ ସାମଲ, ସୁଶାନ୍ତ ନାୟକ ପରିଚାଳନାରେ ସହଯୋଗ କରିଥିଲେ।



ବିଜେତା ଦଳ ଅଧିନାୟକଙ୍କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ତମାଣ୍ଡୋ ଭୁବନେଶ୍ୱର ଚାମ୍ପିୟନ

## ସର୍ବଭାରତୀୟ ଗୋଲ୍ଡେନ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ

ଆନନ୍ଦପୁର,୨୫।୧(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଅଳତି ଡିଏନ୍ ହାଇସ୍କୁଲ ମିନିଷ୍ଟାଡିୟମଠାରେ ସ୍ପୋର୍ଟସ କ୍ଲବ୍ ପକ୍ଷରୁ ଆୟୋଜିତ ୩୨ତମ ସର୍ବ ଭାରତୀୟ ଗୋଲ୍ଡେନ କପ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଆଦର୍ଶ କ୍ରିକେଟ୍ ଏକାଡେମୀ ବାଲେଶ୍ୱରକୁ ହରାଇ ତମାଣ୍ଡୋ କ୍ରିକେଟ୍ କ୍ଲବ୍ ଭୁବନେଶ୍ୱର ଚାମ୍ପିୟନ ହୋଇଛି।

ତମୋଣ୍ଡୋ କ୍ରିକେଟ୍ କ୍ଲବ୍ ଭୁବନେଶ୍ୱର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୭ ଓଭରରେ ୬ ଉଇକେଟ ହରାଇ ୨୯୫ ରନ ସଂଗ୍ରହ କରିଥିଲା। ଜବାବରେ ଆଦର୍ଶ ଏକାଡେମୀ ବାଲେଶ୍ୱର ୨୧.୪ ଓଭରେ ସମସ୍ତ ଉଇକେଟ ହରାଇ ମାତ୍ର ୧୬୫ ରନ କରିବାକୁ ସମର୍ଥ ହୋଇଥିଲା। କ୍ଲବ୍‌ର ସଭାପତି ଡଃ ରତିକାନ୍ତ ବରାଳଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଖାଦ୍ୟ ଯୋଗାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥିଭାବେ ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ପୂର୍ବତନ ସଭାପତି ମହେଶ୍ୱର ସାହୁ, ମୁଖ୍ୟ ବକ୍ତାଭାବେ ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ସ୍ୱତନ୍ତ୍ର ଅତିଥିଭାବେ ଅଭିନେତା ଜ୍ୟୋତି, ଅଭିନେତ୍ରୀ ଅନୁରାଧା ପାଣିଗ୍ରାହୀ ଯୋଗଦେଇ ବିଜେତା ଟିମ୍‌କୁ ଟ୍ରଫି ସହ ୧ ଲକ୍ଷ ଟଙ୍କା ଏବଂ ଉପବିଜେତା ଦଳକୁ ଟ୍ରଫି ସହ ନଗଦ ୬୦ହଜାର ଟଙ୍କାର ଅର୍ଥରାଶି ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳୀ ଭାବେ ତମାଣ୍ଡୋ କ୍ରିକେଟ୍ କ୍ଲବ୍ ଭୁବନେଶ୍ୱରର କ୍ଷମାସାଗର ବଳ ଏବଂ ବେଷ୍ଟ ସିକ୍ସର ଭାବେ ସିଦ୍ଧାନ୍ତ ଜେନାଙ୍କୁ ଟ୍ରଫି ସହ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କ୍ରୀଡ଼ା ମନ୍ତ୍ରୀଙ୍କ ସହ ଆଲୋଚନା କରି ପଡ଼ିଆକୁ ଏକ ଉନ୍ନତମାନ ଷ୍ଟାଡ଼ିୟମର ରୂପ ଦେବାକୁ ମନ୍ତ୍ରୀ ପ୍ରୟାସ କରିବେ ବୋଲି କହିଥିଲେ। ପ୍ରାଣନାଥ ଜେନା, ବିଜୟ କୁମାର ଜେନା ଖେଳ ପରିଚାଳନା କରିଥିଲେ। ସ୍କୋରରେ ସବ୍ୟସାଚୀ ଦାସ ଏବଂ ଧାରା ବିବରଣୀରେ ଜ୍ଞାନରଞ୍ଜନ ପରିଡ଼ା, ସତ୍ୟପ୍ରକାଶ ବରାଳ, ତପନ ନାୟକ କାର୍ଯ୍ୟ ସମ୍ପାଦନ କରିଥିଲେ। ସ୍ପୋର୍ଟସ କ୍ଲବ୍ ଅଳତିର ମାର୍ଗଦର୍ଶକ ସଦାନନ୍ଦ ନାୟକ, ଇଂ. ପ୍ରିୟବ୍ରତ ବରାଳ, ବରିଷ୍ଠ ସଦସ୍ୟ ପ୍ରଶନ୍ନ ନାୟକ, ଜିତେନ୍ଦ୍ର ଓଝା, ମନୋଜ ଓଝା, ମୋତିଲାଲ ସେଠୀ, ଲିଙ୍ଗରାଜ ସ୍ୱାଇଁ, ମୁକେଶ ଭୂୟାଁଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।




ଟ୍ରଫି ସହ ବିଜେତା ଦଳ।

## ୨ରେ ଡା. ବିଷ୍ଣୁ ମହାପାତ୍ରଙ୍କ ଜୟନ୍ତୀ

ଖଇରା,୨୫ା୧(ଉତ୍କଳବନ୍ଧୁ ପଣ୍ଡା)– ବାଲେଶ୍ୱର ଜିଲା ଖଇରା ଅଞ୍ଚଳର ସୁନାମଧନ୍ୟ ଡାକ୍ତର ସ୍ୱର୍ଗତ ବିଷ୍ଣୁପଦ ମହାପାତ୍ରଙ୍କ ୭୮ତମ ଜନ୍ମଜୟନ୍ତୀ ଆସନ୍ତା ୨ତାରିଖରେ ପଳସା ପଞ୍ଚାୟତ ଅଧୀନ ଅର୍ଜ୍ଜୁନପୁର ଗ୍ରାମରେ ପାଳିତ ହେବ। ଏହି ପରିପ୍ରେକ୍ଷୀରେ ଏକ ପ୍ରସ୍ତୁତି ବୈଠକ ଶନିବାର ଜୟନ୍ତୀ କମିଟି ସଭାପତି ସନ୍ତୋଷ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଅର୍ଜ୍ଜୁନପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଭରତ ଚନ୍ଦ୍ର ପଣ୍ଡା, ଜଗତାନନ୍ଦ ମହାପାତ୍ର, ଭଗବାନ ଦାସ, ମୁରଲୀ ବେହେରା, ରାମକୃଷ୍ଣ ମହାପାତ୍ର, ବସନ୍ତ ମାଝୀ, ଅଜୟ ଦାସ, ରାଧାରଣୀ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଫାଇନାଲରେ ଯାଜପୁର, ବାଲେଶ୍ୱର ଆଦର୍ଶ

## ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି

ଭଣ୍ଡାରିପୋଖରୀ,୨୫ା୧(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ରଘୁନାଥପୁର କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ଅଦ୍ୱୈତ ନାୟକ ମେମୋରିଆଲ ୧୯ତମ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ସେମିଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ମା' ଜାଗୁଲାଇ କ୍ରିକେଟ କ୍ଲବ ଓ ଡିଆର୍‌କେ ବାରିପଦା ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ହୋଇଥିଲା। ଜାଗୁଲାଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୮ ଓଭରରେ ୬ ଉଇକେଟ ହରାଇ ୨୦୨ ରନ୍ କରିଥିଲା। ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ୍ ପ୍ରକାଶ ବାରିକ ୫୫ ରନ୍ ଓ ପ୍ରବୀନ କୁମାର ୪୬ ରନ୍ କରିଥିଲେ। ଡିଆର୍‌କେ ବାରିପଦା ୧୮ ଓଭରରେ ୬ ଉଇକେଟ୍ ହରାଇ ୧୩୨ ରନ୍ କରି ହାରିଥିଲା। ପ୍ରକାଶ ବାରିକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ବାଲେଶ୍ୱର ଆଦର୍ଶ କ୍ରିକେଟ କ୍ଲବ୍ ଓ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୧୮୧ ରନ୍ କରିଥିଲା। ଦଳର ବ୍ୟାଟ୍ସମ୍ୟାନ ଅଭିଷେକ ଯାଦବ ୧୦୨ ରନ୍ ଓ ଆକ୍ରମ ଖାଁ ୨୫ ରନ୍ କରିଥିଲେ। ବିପକ୍ଷ ବୋଲର ବାବୁସାନ ମାଝୀ ୪ ଉଇକେଟ୍ ହାସଲ କରିଥିଲେ। ଜବାବରେ ରାମେଶ୍ୱର ସ୍ପୋର୍ଟିଂ ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୯ ରନ୍ କରିଥିଲା। ଦଳର ବ୍ୟାଟ୍ସମ୍ୟାନ ଶୁଭମ ପ୍ରିତିମୟ ୬୪ ରନ୍ କରିଥିଲେ। ଅଭିଷେକ ଯାଦବ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଯାଜପୁର ଓ ବାଲେଶ୍ୱର ଟିମ୍ ଫାଇନାଲକୁ ପ୍ରବେଶ କରିଛି। ଅମ୍ପାୟର ଭାବେ ଶାରଦା ମହାପାତ୍ର, ଖଗେଶ୍ୱର ମଲ୍ଲିକ ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ରାକେଶ ରଞ୍ଜନ ବୋଇତାଇ, ଜୟନ୍ତ ନାୟକ, ପାର୍ଥ ମାଝୀ ଓ ବୀରକିଶୋର ମାଝୀ ଦାୟିତ୍ୱ ତୁଲାଇଥିଲେ। ପ୍ରଦୀପ୍ତ ନାୟକ, ବିଷ୍ଣୁ ବୋଇତାଇ ଓ ଗୋପବନ୍ଧୁ ମାଝୀ ଧାରା ବିବରଣୀ ପ୍ରଦାନ କରିଥିଲେ। ସାମାଜିକ କର୍ମୀ ପ୍ରତ୍ୟୁଷ ସାମଲ ଓ ବଟକୃଷ୍ଣ ମାଝୀ ଅତିଥି ଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ପାଠକଙ୍କ ମନ ଜିଣିଲା ଧରିତ୍ରୀ ଷ୍ଟଲ୍


ଜଣେ ପାଠକ ଧରିତ୍ରୀ ଷ୍ଟଲ୍‌ରୁ ବହି କିଣୁଛନ୍ତି।

ଭଦ୍ରକ,୨୫ା୧(ସନାତନ ରାଉତ)

ଭଦ୍ରକ ଜିଲା ମହୋତ୍ସବ ଭଦ୍ରାୟଣୀ ଓ ପଲ୍ଲିଶ୍ରୀ ମେଳାରେ ଚଳିତବର୍ଷ ପ୍ରଥମ ଥର ପୁସ୍ତକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ଧରିତ୍ରୀ ପକ୍ଷରୁ ଗତ ୧୮ ତାରିଖରୁ ଖୋଲାଯାଇଥିବା ଷ୍ଟଲ୍ ପାଠକଙ୍କ ମନ ଜିଣିଛି। ବହୁ ବିଶିଷ୍ଟ ବ୍ୟକ୍ତି, ସାହିତ୍ୟିକ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଏହି ଷ୍ଟଲ୍ ପରିଦର୍ଶନରେ ଆସିଥିଲେ। ଧରିତ୍ରୀ ପକ୍ଷରୁ ଏହି ନିଆରା ପ୍ରୟାସକୁ ସ୍ୱାଗତ କରିବା ସହ ଧରିତ୍ରୀ ପକ୍ଷରୁ ପ୍ରକାଶିତ ପୁସ୍ତକଗୁଡ଼ିକ ଯୁଗୋପଯୋଗୀ ଘଟଣାକୁ ଆଧାର କରି ରଚନା କରାଯାଇଛି ବୋଲି ଆଲୋଚନା କରିଥିଲେ। ସମ୍ପାଦକଙ୍କ ଲିଖିତ ପୁସ୍ତକ 'ଭିନ୍ନ ସ୍ୱର' ଗଣତନ୍ତ୍ର ଓ ଗଣମାଧ୍ୟମର ଏକ ସ୍ୱତନ୍ତ୍ର ସ୍ୱର ବୋଲି ପରିଦର୍ଶକମାନେ ମତପ୍ରକାଶ କରିଥିଲେ। ଦାରୁଦିଅଁ ଓ କଳାଧଳା ବହି ପ୍ରତି ପାଠକଙ୍କ ବିଶେଷ ଆଗ୍ରହ ପରିଲକ୍ଷିତ ହୋଇଥିଲା। ଜିଲା ପ୍ରତିନିଧି ସନାତନ ରାଉତଙ୍କ ତତ୍ତ୍ୱାବଧାନରେ ଷ୍ଟଲ୍ ଖୋଲାଯାଇଥିବା ବେଳେ ବିଭିନ୍ନ ସନ୍ଧ୍ୟାରେ ଷ୍ଟଲ୍ ପରିଚାଳନାରେ ପ୍ରସାରଣ ବିଭାଗର ଆଲୋକ ପ୍ରସାଦ କାନୁନଗୋ, ଖବରଦାତା ଅମରେନ୍ଦ୍ର ପଣ୍ଡା, କାଳିପଦ ରାୟ, ରବିନାରାୟଣ ଖିଲାର, ନାରାୟଣ ବାରିକ, ସନ୍ତୋଷ ମହାପାତ୍ର, ଦୀପ୍ତିରଞ୍ଜନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଯୁବଜ୍ୟୋତି ୟୁଥ କ୍ଲବ୍‌ରେ ସରସ୍ୱତୀ ପୂଜା

ଔପଦା,୨୫ା୧(ଧରିତ୍ରୀ ପଣ୍ଡା)

ଔପଦା ବ୍ଲକ୍ ତଳକିଆ ପଞ୍ଚାୟତ ଖଇରା ଗ୍ରାମର ଯୁବଜ୍ୟୋତି ୟୁଥ୍ କ୍ଲବ୍ ପକ୍ଷରୁ ସରସ୍ୱତୀ ପୂଜା ଅବସରରେ ୨ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଭାରେ ଅବସରପ୍ରାପ୍ତ ଶିକ୍ଷକ ପୁରୁଷୋତ୍ତମ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଅବସରପ୍ରାପ୍ତ ଶିକ୍ଷକ ହରେକୃଷ୍ଣ ବେହେରା, ମୁଖ୍ୟ ବକ୍ତା ଡିଗ୍ରୀ କଲେଜର ଅଧ୍ୟାପକ ବିନୋଦ ମହାପାତ୍ର, ସମ୍ମାନିତ ଅତିଥିଭାବେ ଅଘିରାପଦା ହାଇସ୍କୁଲର ଶିକ୍ଷକ ବୈକୁଣ୍ଠ ପୁଥାଳ, କ୍ଲବ୍‌ର ସଭାପତି ପ୍ରଶାନ୍ତ ବେହେରା, ଧରିତ୍ରୀ ପଣ୍ଡା ଉପସ୍ଥିତ ରହି ଗ୍ରାମର ଯୁବକମାନେ ଏକତାବଦ୍ଧ ଭାବେ କୁନି ପିଲାଙ୍କୁ ନେଇ ଏପ୍ରକାର କାର୍ଯ୍ୟକ୍ରମ କରିଥିବାରୁ ସେମାନଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଦେଇଥିଲେ। ସଭାରେ ଗ୍ରାମର ଶିକ୍ଷକ ସତ୍ୟଜିତ ମହାପାତ୍ର ଅତିଥି ପରିଚୟ ଦେବା ସହିତ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ କରିଥିଲେ। ସଭାର ସଭାପତି ଧନ୍ୟବାଦ ଦେଇଥିବା ବେଳେ ଅଙ୍ଗନୱାଡିର କୁନି ପିଲାଙ୍କୁ ଏବଂ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବ୍‌ର ସମସ୍ତ ମେମ୍ବର ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

# ୨୫ ୟୁନିଟ୍ ରକ୍ତ ସଂଗ୍ରହ

ବଡ଼ସାହି,୨୫ା୧(ସମ୍ବିତ କୁମାର ରାଉତ)

ମୟୂରଭଞ୍ଜ ଜିଲା ବଡ଼ସାହିସ୍ଥିତ ହେଲଥ କର୍ଣ୍ଣର ପରିସରରେ ଏକ ରକ୍ତଦାନ ଶିବିର ୱିନର–୧୧ ଦ୍ୱାରା ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ବଡସାହି ବିଧାୟକ ସନାତନ ବିଜୁଳି ଉଦଘାଟନ କରିଥିଲେ। ଶିବିରରେ ସ୍ଥାନୀୟ ଥାନାଧିକାରିଣୀ, ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ବଡ଼ସାହିର ସଦସ୍ୟ, ବରିଷ୍ଠ ନାଗରିକ ମଞ୍ଚ ବଡସାହିସ୍ର ସଦସ୍ୟ, ବଡସାହି ବଜାର ବଣିକ ସଂଘର କର୍ମକର୍ତ୍ତା ତଥା ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ଶିବିରରେ ମୋଟ ୨୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ବେଳେ ରକ୍ତ ସଂଗ୍ରହ କରିବା ଦାୟିତ୍ୱରେ ବାରିପଦା ରେଡ଼କ୍ରସ ରକ୍ତ ସଂଗ୍ରହ କେନ୍ଦ୍ର ତରଫରୁ ରୁଚିକା ଖୁରାନା, କଳ୍ପନା ସିଂ, ସବିତା ରାଣୀ ସେଜପଡା ଓ ଶମ୍ଭୁନାଥ ପଲେଇ ପ୍ରମୁଖ ନିୟୋଜିତ ଥିଲେ। ଏଥି ସହିତ ବଡ଼ସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ଡା. ରବି ସ୍ୱାଇଁ ମଧ୍ୟ ଏହି କାର୍ଯ୍ୟକ୍ରମରେ ରକ୍ତ ସଂଗ୍ରହକାରୀଙ୍କୁ ସହଯୋଗ କରିଥିଲେ। ରକ୍ତଦାନ ଏକ ମହତ କାର୍ଯ୍ୟ ଓ ଏଭଳି କାର୍ଯ୍ୟ ନିରନ୍ତର ଭାବେ ଅଞ୍ଚଳରେ ଜାରି ରହିବା ଆବଶ୍ୟକ ବୋଲି ବଡସାହି ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବେହେରା ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କ୍ଲବର ସଭାପତି ମାନସ କୁମାର ଦାସ ଓ ସମ୍ପାଦକ ଶୁଭେନ୍ଦୁ ପଣ୍ଡା ସହଯୋଗ କରିଥିବା ବେଳେ କ୍ଲବର ସମସ୍ତ ସଦସ୍ୟ ଏଥିରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।


ଶିବିରକୁ ବିଧାୟକ ସନାତନ ବିଜୁଳି ଉଦ୍‌ଘାଟନ କରୁଛନ୍ତି।

# ହରସିଂହପୁର ମଣ୍ଡଳ ପକ୍ଷରୁ ହିନ୍ଦୁ ସମ୍ମିଳନୀ

ତିହିଡ଼ି,୨୫ା୧(ସଞ୍ଜିତ ବଳ)

ତିହିଡ଼ି ବ୍ଲକର ପୀରହାଟସ୍ଥିତ କାଳୀପଡ଼ିଆରେ ରବିବାର ପୂର୍ବାହ୍ନରେ ହରସିଂହପୁର ମଣ୍ଡଳ ପକ୍ଷରୁ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍)ର ଶହେ ବର୍ଷ ପୂର୍ତ୍ତି ଉପଲକ୍ଷେ ସମଗ୍ର ହିନ୍ଦୁ ସମାଜ ଆୟୋଜନରେ ଏହି ସମ୍ମିଳନୀ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଗୁରୁ ଭଗବାନ ନାଥ ଯୋଗଦେଇ ହିନ୍ଦୁ ଧର୍ମର ସୁରକ୍ଷା ପ୍ରଦାନ ସମସ୍ତଙ୍କ କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଚାନ୍ଦବାଲି ଖଣ୍ଡ ଚାଳକ ସୂର୍ଯ୍ୟକାନ୍ତ ମହାନ୍ତି, ଅନ୍ୟତମ ଅତିଥି ଭାବେ ରାଷ୍ଟ୍ର ସେବିକା ସମିତିର ଉଷାରାଣୀ ନାୟକ, ଅଧିବକ୍ତା ସଞ୍ଜୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସୁଶାନ୍ତ ସାହୁ ସମ୍ମିଳନୀରେ ସଞ୍ଚାଳନ କରିଥିଲେ। ମଣ୍ଡଳ ସଂଯୋଜକ ଅମୂଲ୍ୟ ପରିଡ଼ା, ତିହିଡ଼ି ମଣ୍ଡଳ ସଂଯୋଜକ କିଶୋର କୁମାର ନାୟକ, ରତିକାନ୍ତ ମହାକୁଡ଼, ମନୋଜ ପାତ୍ର, ଜଗନ୍ନାଥ ଗାହାଣ, ପ୍ରଶାନ୍ତ ବଳ, ସନ୍ଦୀପ ଜେନା, ସଞ୍ଜୀବ ମହାନ୍ତି ପ୍ରମୁଖ ସ୍ୱୟଂସେବକ ଉପସ୍ଥିତ ଥିଲେ। ଏହି ଅବସରରେ କୁନି ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ।

# ଫେବୃଆରୀ ଯୁଗ୍ମ ଜନଶୁଣାଣି କାର୍ଯ୍ୟସୂଚୀ

ବାରିପଦା,୨୫ା୧(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲାପାଳ ଓ ଜିଲା ଆରକ୍ଷୀ ଅଧିକ୍ଷକଙ୍କ ତତ୍ତ୍ୱାଧାନରେ ଫେବୃଆରୀରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନ ଶୁଣାଣି ଶିବିର ପାଇଁ ଜିଲା ପ୍ରଶାସନ ଦ୍ୱାରା କାର୍ଯ୍ୟସୂଚୀ ନିର୍ଦ୍ଧାରିତ ହୋଇଛି। ମାସର ପ୍ରଥମ ସୋମବାର ୨ତାରିଖ ସଦର ଉପଖଣ୍ଡ ବାରିପଦା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ, ଦ୍ୱିତୀୟ ସୋମବାର ୯ ତାରିଖ ବାମନଘାଟି ଉପଖଣ୍ଡ ପାଇଁ ବାମନଘାଟି ଉପ ଜିଲାପାଳ ରାଇରଙ୍ଗପୁର କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ତୃତୀୟ ସୋମବାର ୧୬ତାରିଖ ପାଞ୍ଚପିଡ଼ ଉପଖଣ୍ଡ ପାଇଁ କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଏବଂ ଚତୁର୍ଥ ସୋମବାର ୨୩ ତାରିଖ କପ୍ତିପଦା ଉପଖଣ୍ଡ ପାଇଁ କପ୍ତିପଦା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଉଦଳାଠାରେ ପୂର୍ବାହ୍ନ ୧୦ ଘଟିକାଠାରୁ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ବାରିପଦାଠାରେ ଅନୁଷ୍ଠିତ ହେବାକୁ ଥିବା ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିରରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ, ଜିଲାସ୍ତରୀୟ ଲାଇନ ବିଭାଗ ଅଧିକାରୀ ଏବଂ ବାରିପଦା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାର, ତହସିଲଦାର ଓ ସମସ୍ତ ସିଡିପିଓ ଉପସ୍ଥିତ ରହିବେ। ଅନ୍ୟ ଉପଖଣ୍ଡରେ ଉପଖଣ୍ଡର ସମସ୍ତ ଉପଖଣ୍ଡସ୍ତରୀୟ ଅଧିକାରୀ, ସମସ୍ତ ଲାଇନ ବିଭାଗ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ସମସ୍ତ ସିଡିପିଓ ଉପସ୍ଥିତ ରହିବେ। ସାଧାରଣ ଜନତାଙ୍କ ଆପତ୍ତି ଅଭିଯୋଗ ପତ୍ରଗୁଡିକର ଶୁଣାଣି କରି ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ। ଉକ୍ତ ଧାର୍ଯ୍ୟ ତାରିଖ ଓ ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ଜନ ଅଭିଯୋଗ ଶୁଣାଣି ଶିବିରରେ ସମ୍ପୃକ୍ତ ଉପଖଣ୍ଡ ଅଞ୍ଚଳର ଜନସାଧାରଣ ନିଜ ନିଜର ବ୍ୟକ୍ତିଗତ ଓ ସାମୁହିକ ସମସ୍ୟା ସମ୍ପର୍କିତ ଅଭିଯୋଗଗୁଡ଼ିକ ଉପସ୍ଥିତ ରହି ଜଣାଇ ପାରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ପଳାସପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ

ରସାଳପୁର,୨୫ା୧(ଶରତ ସାମଲ): ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ଗେଙ୍ଗୁଟି ପଞ୍ଚାୟତର ସାଉଁ ହାଇସ୍କୁଲ ପଡ଼ିଆରେ ପଳାସପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସରକାରୀ ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଗେଙ୍ଗୁଟି ସରପଞ୍ଚ ମଞ୍ଜୁଲତା ଆଚାର୍ଯ୍ୟ, ପ୍ରାକ୍ତନ ସରପଞ୍ଚ ବିରୁପାକ୍ଷ ମହାପାତ୍ର, ଭାଜପା ପଞ୍ଚାୟତ ସଭାପତି ଭାଗବତ ବେହେରା, ପୀତାମ୍ବର ମହାପାତ୍ର, ଅଚ୍ୟୁତ ମହାନ୍ତି, ପ୍ରସନ୍ନ ପରିଡ଼ା, ସାମାଜିକ କର୍ମୀ ସୁଧାକର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିବସ ମ୍ୟାଚ୍‌ରେ ୪ ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରଥମ ଇନିଂସରେ ଷ୍ଟ୍ରମ ବ୍ରେକର୍ସ ଓ ଆର୍‌ଆର୍ ୱାରିୟର ମଧ୍ୟରେ ମ୍ୟାଚ୍ ହୋଇଥିଲା। ଆର୍‌ଆର୍ ୱାରିୟର ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ୍ ବିନିମୟରେ ୧୨୬ ରନ୍ କରିଥିବା ବେଳେ ଜବାବରେ ଷ୍ଟ୍ରମ ବ୍ରେକର୍ସ ୯୨ ରନ୍ କରି ହାରିଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ପଳାସପୁର ଓ ବିଶାଳ ୱାରିୟର ମଧ୍ୟରେ ଖେଳ ହୋଇଥିଲା। ପଳାସପୁର ଟିମ୍ ନିର୍ଦ୍ଧାରିତ ୧୨ ଓଭରରେ ୬୮ ରନ୍ କରିଥିଲା। ବିଶାଳ ୱାରିୟର ସମସ୍ତ ଉଇକେଟ ହରାଇ ୫୨ ରନ୍ ସଂଗ୍ରହ କରି ହାରିଥିଲା। ଅମ୍ପାୟର ଭାବେ ଜନ୍ମେଞ୍ଜୟ ପରିଡ଼ା ଓ ମଧୁସୂଦନ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ।






